**ଧାରଣାରେ ଛାତ୍ରୀଛାତ୍ର, ଅଭିଭାବକ**

ଅନୁଗୋଳ, (ଅମିତ କୁମାର ସାମଲ): ଅନୁଗୋଳ ବ୍ଲକ ହିସ୍ରିଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ସୋମବାର ସ୍କୁଲ ଗେଟ ସମ୍ମୁଖରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଧାରଣାରେ ବସିଥିଲେ। ଅଭିଭାବକମାନେ କହିଛନ୍ତି, ଏହି ବିଦ୍ୟାଳୟରେ ଶିକ୍ଷାଦାନ ଠିକ୍ ଭାବେ ହେଉନାହିଁ। ପିଲାମାନଙ୍କୁ ପାନ ମସଲା ଏବଂ ପନିପରିବା ପାଇଁ ପଠାଯାଉଛି। ଶିକ୍ଷୟିତ୍ରୀ ଶିକ୍ଷକ ଠିକ୍ ଭାବେ ବିଦ୍ୟାଳୟକୁ ଆସୁନାହାନ୍ତି। ମଧାହ୍ନ ଭୋଜନ ମଧ ଠିକ୍‌ରେ ଦିଆଯାଉ ନାହିଁ। ତେଣୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ସେମାନେ ଦାବି କରିଛନ୍ତି।

# ବାଛୁରିକୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୋପାଳକ

**ପ୍ରାଣୀଧନ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ମିଳୁନି ଚିକିତ୍ସା**

ଅନୁଗୋଳ,୫।୨ (ଅମିତ କୁମାର ସାମଲ)



୪ ଦିନ ତଳେ ଜନ୍ମ ହୋଇଥିବା ବାଛୁରିର ମଳଦ୍ୱାର ନାହିଁ। ଦିନକୁ ଦିନ ତା'ର ଯନ୍ତ୍ରଣା ବଢ଼ୁଛି। ଗୋଟିଏ ପରେ ଗୋଟିଏ ପ୍ରାଣୀଧନ ଚିକିତ୍ସାଳୟକୁ ନେଇଥିଲେ ମଧ ସେଠାରୁ ନିରାଶ ହେବାକୁ ପଡ଼ିଛି। ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟି ସହ ଆନ୍ଦୋଳନରେ ଥିବାରୁ ଚିକିତ୍ସା ମିଳିପାରୁ ନାହିଁ। ତେଣୁ କୁନି ବାଛୁରିଟିର ଚିକିତ୍ସା ବ୍ୟବସ୍ଥା ଜିଲାପାଳ କରନ୍ତୁ। ବାଛୁରିଟିକୁ କୋଳରେ ଧରି ବଁଅରପାଳ ବ୍ଲକ ନୂଆହତା ଗାଁର ଗୋ-ପାଳକ ତରୁଣ କୁମାର ସାମଲ ସୋମବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଏପରି ଗୁହାରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ନୂଆହତା ଗାଁର ତରୁଣ କୁମାରଙ୍କ ଉକ୍ତ ବାଛୁରିର ମଳଦ୍ୱାର ନ ଥିଲା। ଫଳରେ ଜନ୍ମ ପରଠାରୁ ମଳତ୍ୟାଗ କରି ନ ପାରି ବାଛୁରିଟି ବଡ଼ କଷ୍ଟ ପାଉଥିଲା। ଏହା ଦେଖିବା ପରେ ତରୁଣ ଚିକିତ୍ସା ନିମନ୍ତେ ଉଦ୍ୟମ କରିଥିଲେ। ନିକଟସ୍ଥ ବଁଅରପାଳ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ନେଇଯାଇଥିଲେ। ହେଲେ ଆନ୍ଦୋଳନରେ ଥିବା ପ୍ରାଣୀ ଚିକିତ୍ସକମାନେ ବର୍ତ୍ତମାନ ଚିକିତ୍ସା ସେବା ଯୋଗାଇବା ସମ୍ଭବ ନୁହେଁ ବୋଲି କହି ତାଙ୍କୁ ଫେରାଇ ଦେଇଥିଲେ। ସେଠାରୁ ନିରାଶ ହେବା ପରେ ତରୁଣ ବାଛୁରିକୁ ଧରି ଅନୁଗୋଳ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ଆସିଥିଲେ। ମାତ୍ର ସେଠାରେ ମଧ ଚିକିତ୍ସା ମିଳିପାରି ନ ଥିଲା। ତେଣୁ ବାଛୁରିକୁ ଧରି ଦୁଃଖ ଜଣାଇବାକୁ ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜନଶୁଣାଣି ପାଇଁ ଜିଲାପାଳ ତାଳଚେରରେ ଥିବା କର୍ମଚାରୀମାନେ କହିବା ପରେ ତରୁଣ ହତାଶ ହୋଇ ଫେରିଯାଇଥିଲେ। ଘଟଣା ସମ୍ପର୍କରେ ଜିଲା ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡାକ୍ତର କେଶବ ଚନ୍ଦ୍ର ପ୍ରଧାନ କହିଛନ୍ତି ପ୍ରାଣୀଧନଙ୍କୁ ଚିକିତ୍ସା ଯୋଗାଯାଇପାରୁ ନ ଥିବାରୁ ଦୁଃଖ ଲାଗୁଛି। କିନ୍ତୁ ଏବେ ଆନ୍ଦୋଳନ ଚାଲୁଥିବାରୁ ଆମ ହାତ ବନ୍ଧା ହୋଇରହିଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତାଳଚେର ଜନଶୁଣାଣିରେ ଥିବାରୁ ସେଠାକୁ ନେଇ ବାଛୁରିର ଚିକିତ୍ସା କରିବାକୁ କୁହାଯାଇଥିଲା। ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି କହିଛନ୍ତି, ଏପରି ଘଟଣା ଘଟିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହ କଥା ହୋଇଥିଲି। ସେ ଉକ୍ତ ବାଛୁରିକୁ ପଞ୍ଚମହଲାକୁ ନେବାକୁ କହିଥିଲେ। କିନ୍ତୁ ସେତେବେଳକୁ ଗୋପାଳକ ବାଛୁରିକୁ ନେଇ ଚାଲିଯାଇଥିଲେ। ଘଟଣା ସମ୍ପର୍କରେ ଗୋ-ପାଳକ ତରୁଣ କହିଛନ୍ତି, ଗୋଟିଏ ପରେ ଗୋଟିଏ ସରକାରୀ ପ୍ରାଣୀଧନ ଚିକିତ୍ସାଳୟରୁ ନିରାଶ ହୋଇ ଫେରିବା ପରେ ବାହାରେ ଜଣେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକଙ୍କ ନିକଟରେ ଚିକିତ୍ସା କରିବାରେ ସଫଳ ହୋଇଛୁ।

## ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଛେଣ୍ଡିପଦା,୫।୨(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ପଞ୍ଚାୟତ ଛୋଟବେରେଣି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଘରେ ପରିବାର ଲୋକ ଶୋଇଥିବାବେଳେ କେତେଜଣ ଦୁର୍ବୃତ୍ତ ଘରେ ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଛୋଟବେରେଣି ଗ୍ରାମର ଫଗୁ ନାଏକଙ୍କ ପରିବାର ଘରେ ଶୋଇଥିବା ବେଳେ କେହି ଘରର ବାହାର ଶିକୁଳି ପକାଇ ଦେଇ ନିଆଁ ଲଗାଇ ଦେଇଥିଲା। ପରିବାର ଲୋକେ ବାହାର ଲୋକଙ୍କ ପାଟି ଶୁଣି ଘରୁ ବାହାରିବାକୁ କବାଟ ଖୋଲିବାବେଳେ କବାଟ ବନ୍ଦ ଥିଲା। ଫଳରେ ପରିବାର ଲୋକେ ଘରର କାନ୍ଥ ଭାଙ୍ଗି ବାହାରକୁ ବାହାରି ଥିଲେ। ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ଫଗୁ ନାଏକଙ୍କ ୪୦ହଜାର ଟଙ୍କା, ସୁନାଗହଣା, ଧାନ ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଏ ନେଇ ପରିବାର ପକ୍ଷରୁ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭଯୋଗ ହୋଇଛି। ପୋଲିସ ନଂ.୩୬/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## କ୍ରମବିବର୍ତ୍ତନ ଓ ଶାସ୍ତ୍ରୀୟତା ଉପରେ ଆଲୋକପାତ

ଅନୁଗୋଳ,୫।୨ (ଅମିତ କୁମାର ସାମଲ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଅନୁଗୋଳ ପୌରପାଳିକା ସମ୍ମିଳନୀ କକ୍ଷରେ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଅକ୍ଷୟ କୁମାର ସାମନ୍ତ ଏଥିରେ ପୌରୋହିତ୍ୟ କରିଥିଲେ। ପୌର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନୁଗୋଳ ସାହିତ୍ୟ ସଂସଦ ସଭାପତି କୁମୁଦ ଚନ୍ଦ୍ର ଦାସ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିବା ସହ ଓଡ଼ିଆ ଭାଷାର କ୍ରମବିବର୍ତ୍ତନ ଓ ଶାସ୍ତ୍ରୀୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଯୋଗଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉପାଦେୟତା ସମ୍ପର୍କରେ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ଶାନ୍ତନୁ କୁମାର ସର, ଗାଳ୍ପିକ ଅସିତ୍ ପଟ୍ଟନାୟକ, କବୟିତ୍ରୀ ଡ. ଇନ୍ଦିରା ଦାଶ, ଡ. ସଦାନନ୍ଦ ପରିଡ଼ାଙ୍କ ସମେତ କୁମୁଦ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଗରପାଳ ସାମନ୍ତ ଓଡ଼ିଆ ଭାଷାର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଙ୍କ ସହ ନଗରପାଳ।

## ଶିଶୁମନ୍ଦିରରେ ମାତୃପିତୃ ଦିବସ

ଆଠମଲ୍ଲିକ,୫।୨(ଉଦିପ୍ତ ପୁରୋହିତ)

ଆଠମଲ୍ଲିକ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାତୃପିତୃ ଦିବସ ପାଳିତ ହୋଇଯାଇଛି। ସନ୍ତାନସନ୍ତତିଙ୍କ ମାତାପିତା ହିଁ ଜୀବନ୍ତ ଠାକୁର ବାର୍ତ୍ତା ଦେଇ ମାତାପିତାଙ୍କୁ ଭକ୍ତି ସହକାରେ ଫୁଲ, ଚନ୍ଦନ ଦେଇ ଛାତ୍ରୀଛାତ୍ରମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଉପଲକ୍ଷେ ଏଲଇଡିର ବଡ଼ ପରଦାରେ ମାତାପିତାଙ୍କ ଉପରେ ପର୍ଯ୍ୟବେକ୍ଷିତ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ପ୍ରଫେସର ଗିରିଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଣବନ୍ଧୁ ନାଏକ ଓ ତାଙ୍କ ସାଥୀ, ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମାତାପିତା ଓ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।




## ଆଗ୍ରହର ସହ ମାତୃଭାଷା ଶିଖ

ଅନୁଗୋଳ,୫।୨ (ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅମ୍ବୁଜ କୁମାର ଗଡ଼ନାୟକ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷାବିତ୍ ଡ. କୁଳମଣି ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଓ ପ୍ରତିଭା ବାରିକ, ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଡ. ନାୟକ ଆଗ୍ରହର ସହିତ ମାତୃଭାଷା ଶିଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଓଡ଼ିଆ ଭାଷାର ବ୍ୟବହାର ସବୁ କ୍ଷେତ୍ରରେ ହେବା ଉଚିତ ବୋଲି କହିଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।



## ରାସ୍ତା, ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବିପତ୍ର

ତାଳଚେର,୫।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା କଣିହାଁ ଠାରୁ ବଁଅରପାଳ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାସ୍ତା ଓ ବାଙ୍କଧରା ଠାରୁ ବହ୍ଲର ଛକ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ଓଭରବ୍ରିଜ ନିର୍ମାଣ ଦାବି କରାଯାଇଛି। ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଘରଠାରେ ସୋମବାର ଆୟୋଜିତ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କୁ ଏକ ଦାବିପତ୍ର ତାଳଚେର ସଡ଼କ ସୁରକ୍ଷା ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ପରିଷଦ ସଭାପତି ସଂଗ୍ରାମ କେଶରୀ କୁଅଁରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ତଥା ସାମାଜିକ କର୍ମୀ ବାପି ମହାନ୍ତି, ଅଭୟ ପାଣି, କେଶବ ଭୂତିଆ, ନଖିଆ ସାହୁ, ଜମ୍ନେଶ୍ୱର ପଟ୍ଟନାୟକ, ପ୍ରେମାନନ୍ଦ ମହାନ୍ତି, ଶରତ ଦାସ, ସୁଭାଷ ରାଉତ, ପ୍ରଫୁଲ୍ଲ ନାଏକ, ସଞ୍ଜୀବ ନାଏକ, ସନ୍ତୋଷ ମହାରଣାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସଡ଼କ ସୁରକ୍ଷା ପରିଷଦର କର୍ମକର୍ତ୍ତାମାନେ।

## ବନାଗ୍ନି ପ୍ରତିରୋଧ ପାଇଁ ସଚେତନତା ଯାତ୍ରା




ଶୈଳଶ୍ରୀକ୍ଷେତ୍ରରୁ ବାହାରିଥିବା ସଚେତନତା ଯାତ୍ରା।

ଅନୁଗୋଳ,୫।୨ (ଅମିତ କୁମାର ସାମଲ)

ନିଆଁ ଜଙ୍ଗଲର ସବୁଠାରୁ ବଡ଼ ଶତ୍ରୁ। ତେବେ ପ୍ରାକୃତିକ ବନାଗ୍ନି ଅପେକ୍ଷା ମନୁଷ୍ୟକୃତ ବନାଗ୍ନି ଅଧିକ ଚିନ୍ତାଜନକ। ତେଣୁ ଏହାର ପ୍ରତିରୋଧ ପାଇଁ ଜନ ସହଯୋଗ ଲୋଡ଼ିବା ଉଦ୍ଦେଶ୍ୟରେ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଛି ୫୦୦ କିଲୋମିଟର ସାଇକେଲ ସଚେତନତା ଯାତ୍ରା। ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରୁ ଏହି ସାଇକେଲ ଯାତ୍ରା ବାହାରିଥିବା ବେଳେ ଏହା ଅନୁଗୋଳ, ସାତକୋଶିଆ ଓ ଆଠମଲ୍ଲିକ ବନଖଣ୍ଡର ଟିକରପଡା, ବିନିକେଇ, ଆଠମଲ୍ଲିକ, ଠାକୁରଗଡ଼, ଆମ୍ବସରମୁଣ୍ଡା, ରଣିଆକଟା, ମାନଜୋର, ବାମୁର, ନାକଚି, ବଇଣ୍ଡା, ଜରପଡା, ବାଲିଜେରେଙ୍ଗ, ପୁରୁଣାଗଡ, ବଡକେରା ଆଦି ଅଞ୍ଚଳ ପରିକ୍ରମା କରିବ। ମାତ୍ର ୫ରୁ ୬ ଦିନ ମଧରେ ଏହି ସାଇକେଲ ଯାତ୍ରା ୫ଶହ କିଲୋମିଟର ଅତିକ୍ରମ କରିବ। ଏହି ସମୟରେ ପ୍ରାୟ ୨୫୦ରୁ ଅଧିକ ଗ୍ରାମର ଜନସାଧାରଣ ଏବଂ ୧୫ରୁ ଉର୍ଦ୍ଧ୍ୱ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ଏହି ସଚେତନତା ଯାତ୍ରାକୁ ଅନୁଗୋଳ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ଓ ଗୋସେବକ ମନୋଜ ଅଗ୍ରୱାଲ ଏବଂ ସାମାଜିକ କର୍ମୀ ସୌର୍ଯ୍ୟରଞ୍ଜନ ଦାସ ପ୍ରମୁଖ ଶୁଭାରମ୍ଭ କରିଥିବା ବେଳେ ଅନୁଷ୍ଠାନର ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ, ଶୁଭେନ୍ଦୁ ସାହୁ, ଦିଲୀପ କୁମାର ସାହୁ, ପିଣ୍ଟୁ ବେହେରା, ମାନସ ରଞ୍ଜନ ପ୍ରଧାନ, ରାଜେଶ ରଞ୍ଜନ ସାହୁ, ସିଦ୍ଧାର୍ଥ ପ୍ରଧାନ, ସୌର୍ଯ୍ୟରଞ୍ଜନ ଥମ୍ବ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି।

## ଛାତ୍ରାବାସରୁ ୨ ଛାତ୍ର ନିଖୋଜ

ବଇଣ୍ଡା,୫।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଉରୁକୁଳା ପଞ୍ଚାୟତରେ ଥିବା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସରୁ ୨ ଜଣ ଛାତ୍ର ଶନିବାରଠାରୁ ନିଖୋଜ ହୋଇଯାଇଥିବା ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୬/୨୪ ଓ ୫୭/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାରୁ ଜଣାପଡିଛି, ଏହି ଛାତ୍ରାବାସରେ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ନବନ ଶ୍ରେଣୀ ଛାତ୍ର, କରଡାବାହାଲି ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଶନିବାର ସନ୍ଧ୍ୟାରୁ ନିଖୋଜ ଅଛନ୍ତି। ସନ୍ଧ୍ୟା ସମୟରେ ହେଉଥିବା ପ୍ରାର୍ଥନାରେ ଅନୁପସ୍ଥିତ ଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଖୋଜିଥିଲେ। ହେଲେ ନ ପାଇବାରୁ ତାଙ୍କ ପରିବାରକୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ।

## ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ

ତାଳଚେର,୫।୨(ମନୋଜ ନନ୍ଦ)

ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ତାଳଚେର ହାଟତୋଟାସ୍ଥିତ ପ୍ରେସ୍‌କ୍ଲବ ପରିସରରେ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ସଭାପତି ବିଶ୍ୱରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଧନେଶ୍ୱର ସାହୁ ଅତିଥି ପରିଚୟ ଦେଇଥିଲେ। ସଙ୍ଗଠନର ବରିଷ୍ଠ ସଦସ୍ୟା ଲିପିକା ମହାପାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ପ୍ରଶାନ୍ତ କୁମାର ରଥ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବୃନ୍ଦାବନ ସାହୁ ଯୋଗଦେଇ ମଧୁବାବୁଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିବା ସହ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଗବେଷକ ବିଭୂତି ଭୂଷଣ ସାହୁ, ଲେଖକ ସିଦ୍ଧିପ୍ରସାଦ ସାହୁ, ପ୍ରଦୀପ ମହାରଣା, ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ, ଆଇନଜୀବୀ ଅର୍ଜ୍ଜୁନ ଭୂତିଆ, କବି ତ୍ରିନାଥ ସାହୁ, ଦୀପ୍ତିରାଣୀ ସିଂହ, ଜିତେନ୍ଦ୍ର କୁମାର ମହାପାତ୍ର, ଶୋଭାଗିନୀ ଦେବୀ, ହରେକୃଷ୍ଣ ମହାପାତ୍ର, ସାନନ୍ଦ ଚନ୍ଦ୍ର ପରିଡା, ପଞ୍ଚାନନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ଆଇନଜୀବୀ ବାଉରୀବନ୍ଧୁ ବେଜ ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ପାଳନ ଅବସରରେ ଅତିଥିମାନେ।

## ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



ବଇଣ୍ଡା,୫।୨(ପରିକ୍ଷିତ ସାହୁ)

କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଉପଲକ୍ଷେ 'ଗପ ଶୁଣିବା ଓ ଗପ କହିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିଶୋରନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯତୀନ୍ଦ୍ର କୁମାର ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ ପ୍ରମୁଖ ଯୋଗଦେଇ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷକ ଭୈରବ କୁମାର ଦେହୁରୀ, ବିନାୟକ ଦେହୁରୀ ଓ ଚିନ୍ମୟୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହାତ ତିଆରି ପ୍ରକଳ୍ପ ପ୍ରଦର୍ଶନ, ଗପ ପଠନ, କବିତା ଆବୃତ୍ତି, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଙ୍ଗୀତ ଓ ଲୋକ ସଂସ୍କୃତି ଭିତ୍ତିକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ମୋ କଥା ମୋ କାହାଣୀ ବିଭାଗରେ ପ୍ରାୟ ୪୦ଟି ଅନୁଭୂତି ମୂଳକ ଲେଖା ପ୍ରସ୍ତୁତ କରିଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ୩ ବର୍ଷରେ ଗଲାଣି ୩ କଲରାପତରିଆ ଜୀବନ

ବଇଣ୍ଡା,୫।୨ (ପରିକ୍ଷିତ ସାହୁ)

■ କାଳ ହେଉଛି ବାର୍‌ହା ଶିକାର ପାଇଁ ବସାଯାଇଥିବା ଫାଶ

■ ବନ ବିଭାଗର ନିଷ୍କ୍ରିୟତାକୁ ଦାୟୀ କରୁଛନ୍ତି ବନ୍ୟପ୍ରାଣୀପ୍ରେମୀ

■ ମିଣ୍ଡୋଳ ବାଘ ମୃତ୍ୟୁ ଘଟଣାରେ ଜଣେ ଅଟକ ସୂଚନା



ବନ୍ୟଜନ୍ତୁ ଶିକାର ପାଇଁ ଜଙ୍ଗଲରେ ବସାଯାଉଛି ବିଦ୍ୟୁତ୍ ଫାଶ। ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବିଶେଷକରି ବାର୍‌ହା ଶିକାର ଉଦ୍ଦେଶ୍ୟରେ ଶିକାରୀମାନେ ଜଙ୍ଗଲ ଉପରେ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାରରୁ ହୁକ୍ ପକାଇ ବେଶ୍ ସହଜରେ ଶିକାର କରିପାରୁଛନ୍ତି। ହେଲେ ଅନେକ ସମୟରେ ଶିକାରୀଙ୍କ ଏହି ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଉଛନ୍ତି କଲରାପତରିଆ ବାଘ। ଗତ ୩ ବର୍ଷ ମଧରେ ଏପରି ୩ଟି ଘଟଣାରେ ୩ ବାଘଙ୍କ ମୃତ୍ୟୁ ହୋଇଥିବା ବେଳେ କେବଳ ଗୋଟିଏ ଘଟଣାରେ ବନ ବିଭାଗ ଶିକାରୀଙ୍କୁ ଗିରଫ କରିପାରିଛି। ଏପରି କି ଗତ ସପ୍ତାହେ ତଳେ ଠାକୁରଗଡ଼ ଥାନା ମିଣ୍ଡୋଳ ଅଞ୍ଚଳରେ ଶିକାରୀଙ୍କ ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲେ ହେଁ ତଦନ୍ତର ୪୮ ଘଣ୍ଟା ପରେ ବି ଜଣଙ୍କୁ ଅଟକ ରଖିବା ବ୍ୟତୀତ ଏଯାଏ ସମ୍ପୃକ୍ତ ଶିକାରୀଙ୍କୁ ଗିରଫ କରିପାରି ନାହିଁ ବନ ବିଭାଗ। ଏଥିରୁ ବନ ବିଭାଗର ନିଷ୍କ୍ରିୟତା ସ୍ପଷ୍ଟ ହେଉଥିବା କେତେଜଣ ବନ୍ୟପ୍ରାଣୀପ୍ରେମୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ଡିସେମ୍ବର ୧୮ରେ ହଣ୍ଡପା ରେଞ୍ଜ ବାତ୍ରାଖୋଳ ଜଙ୍ଗଲ ନିକଟରେ ଶିକାରୀଙ୍କ ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ଶିକାରୀମାନେ ମୃତ ବାଘର ନଖ, ଦାନ୍ତ ଓ ଆଖିକୁ ନେଇଯାଇଥିଲେ। ଉକ୍ତ ଘଟଣାରେ ବନ ବିଭାଗ କୌଣସି ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରି ନ ଥିଲା। ସେହିପରି ୬ ନଭେମ୍ବର ୨୦୨୨ରେ କିଶୋରନଗର ବ୍ଲକ ବାମୁର ରେଞ୍ଜ ଫୁଲଝରେ ଜଙ୍ଗଲରେ ଏକ କଲରାପତରିଆ ବାଘକୁ ଶିକାରୀମାନେ ମାରି ଚମଡ଼ା ଚାଲାଣ କରୁଥିଲେ। ବନ ବିଭାଗ ଘଟଣାସ୍ଥଳରେ ଚଢ଼ାଉ କରି ବାଘ ଚମଡ଼ା ଜବତ କରିବା ସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଥିଲା। ତେବେ ଶିକାରୀମାନେ ବାଘର ନଖ, ଆଖି, ଦାନ୍ତଗୁଡିକୁ ବିକ୍ରି କରିଦେଇଥିଲେ। ସେହପରି ଗତ ସପ୍ତାହେ ତଳେ ମିଣ୍ଡୋଳ ଗ୍ରାମର ମଠ ନିକଟ କାଜୁ ଫିଲ୍ଡ ପରିସରରେ ବାର୍‌ହା ଶିକାର ପାଇଁ ଶିକାରୀମାନେ ବସାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ହେଲେ ଏହି ଘଟଣା ସମ୍ପର୍କରେ ବନ ବିଭାଗ ପାଖରେ ଆଦୌ ସୂଚନା ନ ଥିଲା। ସ୍ଥାନୀୟ ଗୋରୁ ଚରାଳିମାନେ ଏ ନେଇ ଖବର ଦେଇଥିଲେ ମଧ ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ପହଞ୍ଚି ନ ଥିଲେ। ଏ ନେଇ ଗଣମାଧମରେ ଖବର ପ୍ରକାଶ ପରେ ଉଚ୍ଚସ୍ତରୀୟ ଅଧିକାରୀମାନେ ପହଞ୍ଚି ବାଘର ମୃତଦେହ ଜବତ କରିଥିଲେ। ହେଲେ ଉକ୍ତ ଘଟଣାର ତଦନ୍ତକୁ ୪୮ ଘଣ୍ଟା ବିତିଯାଇଥିଲେ ମଧ ସମ୍ପୃକ୍ତ ଶିକାରୀମାନଙ୍କୁ ଧରିବାରେ ବନ ବିଭାଗ ସଫଳତା ପାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ତେବେ ଜଣଙ୍କୁ ବନ ବିଭାଗ ପକ୍ଷରୁ ଅଟକ ରଖାଯାଇଥିବା ସୂଚନା ମିଳିଛି।

**ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଚୋରି**

ତାଳଚେର,(ମନୋଜ ନନ୍ଦ): ତାଳଚେର ବ୍ଲକ ଧରମପୁରସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ରବିବାର ରାତିରେ ଇନଭର୍ଟର ମେଶିନ, ବ୍ୟାଟେରି, ସିସି କ୍ୟାମେରା ମେଶିନ, ହାର୍ଡଡିକ୍ସ, ଅକ୍ସିଜେନ ସିଲିଣ୍ଡର ଏବଂ ବିଭିନ୍ନ ଉପକରଣ ଚୋରି ହୋଇଛି। କିଛି ଦିନ ପୂର୍ବରୁ ଆରୋଗ୍ୟ କେନ୍ଦ୍ରରୁ ଲୁହା ଗ୍ରିଲ୍ ଚୋରି ହୋଇଥିବା ବେଳେ ଅଞ୍ଚଳର ବିଭିନ୍ନ ଜାଗାରୁ ନିୟମିତ ଚୋରି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରିଛି।

# ଉଫୁନା ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ

ଢେଙ୍କାନାଳ,୫।୨(ରତନ ନାୟାର)

ଢେଙ୍କାନାଳ ଉଫୁନା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଉଫୁନାର ସର୍ବ ଭାରତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଈଶା ୱେଲ୍‌ନେସ୍ କେନ୍ଦ୍ର ନିର୍ଦ୍ଦେଶିକା ଶିବାଙ୍ଗୀ ସାହୁ କହିଲେ, ମଧୁବାବୁ ଉତ୍କଳ ଗୌରବ ସହ ଭାରତର ଗୌରବ ଥିଲେ। ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ, ମଧୁବାବୁ ଜଣେ ବିଚକ୍ଷଣ ଓକିଲ, ରାଷ୍ଟ୍ରନୀତିଜ୍ଞ, ସମାଜସେବୀ ଓ ରାଜନୀତିଜ୍ଞ ଥିଲେ। ସେ ଓଡ଼ିଶାର ମର୍ଯ୍ୟାଦାକୁ ବିଶ୍ୱ ଦରବାରରେ ବଢାଇଥିଲେ। ସେ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ। ସମ୍ମାନିତ ଅତିଥି ଭାବେ ବିଜୟ ସାହୁ, ସୁବାସ ସାହୁ, ବିକ୍ରମ ବେହେରା, ସମାଜବାଦୀ ନେତା ସରୋଜ ଶତପଥୀ, ଡ. ପ୍ରମୋଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରସାଦ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଅତିଥିମାନେ।

# ଓଡ଼ିଆ ଭାଷାକୁ ସବୁଠି ଲାଗୁ କର



ଢେଙ୍କାନାଳ ପୌରପରିଷଦ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଅତିଥିମାନେ।

ଢେଙ୍କାନାଳ,୫।୨(ରତନ ନାୟାର)

ଢେଙ୍କାନାଳ ପୌରପରିଷଦ ପକ୍ଷରୁ ୱାର୍ଡ ନଂ-୮ ମହିଷାପାଟ ଠାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଓଡ଼ିଆ ଭାଷାକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଲାଗୁ କରିବା ପାଇଁ ପରାମର୍ଶ ଦେଇଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଯୋଗଦେଇ ମାତୃଭାଷାକୁ ପ୍ରଥମେ ଚିହ୍ନିବା ସହିତ ପ୍ରାଞ୍ଜଳ ଭାବେ ଓଡ଼ିଆରେ କଥାବାର୍ତ୍ତା କରିବାକୁ କହିଥିଲେ। ଅନ୍ୟତମ ଅତିଥି ଭାବରେ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଡା. ଅବୋଧ ମହାପାତ୍ର, କାଉନ୍‌ସିଲର ପ୍ରତାପ ପ୍ରଧାନ, ଅଭିମନ୍ୟୁ ପଣ୍ଡା, ମହମ୍ମଦ ସାଗିର, ଦୀପ୍ତିରଞ୍ଜନ ସେଠୀ, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ, କାଉନ୍‌ସିଲର ବଂଶୀଧର ଦଳେଇ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅବନୀ ମିଶ୍ର, କବି ଆର୍ଯ୍ୟରତ୍ନ ଚକ୍ରଧର, ନାଟ୍ୟକାର ଦିଲୀଶ୍ୱର ମହାରଣା, ଶତ୍ରୁଘନ ମାଟି, ବିଦ୍ୟାଧର ବାରିକ, ରାଧାନାଥ ରଥ, ବୈଜୟନ୍ତୀ ପଟ୍ଟନାୟକ, ନିର୍ମଳା ମହାପାତ୍ର, ଶିଳ୍ପୀ ପରେଶ ପଟ୍ଟନାୟକ, ମନୋଜ ମଞ୍ଜରୀ ନନ୍ଦ, ସୁକାନ୍ତି ସାହୁ, ସନ୍ଧ୍ୟା ମହାପାତ୍ର, ଅଥୟ କୁମାର ସାହୁ, ଡା. ରବୀନ୍ଦ୍ର ନାଥ ରାୟ, ନିରଞ୍ଜନ ମାଟିଆ ମିଶ୍ର ଓ ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଚିକୁମିନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମୃତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ନାମରେ ୨ଥର ଟଙ୍କା ମଞ୍ଜୁର

ଢେଙ୍କାନାଳ,୫।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ପଞ୍ଚାୟତ ଟୋଲରପଶି ଗ୍ରାମରେ ଦେବଦତ୍ତ ପରିଡ଼ା ଓରଫ୍ ଚାନ୍ଦଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ସ୍ୱପ୍ନାରାଣୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ଥର ଟଙ୍କା ମଞ୍ଜୁର କରାଯାଇଛି। ଫଳରେ ଏହି ଯୋଜନାରେ ଦୁର୍ନୀତି ନେଇ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବତନ ବିଧାୟକ ନବୀନ ନନ୍ଦ ସୋସିଆଲ ମିଡିଆରେ ଏହି ଘଟଣା ସମ୍ପର୍କରେ ପୋଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୧୦ ନଭେମ୍ବର ୨୦୨୩ରେ ଦେବଦତ୍ତଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀଙ୍କ ନାମରେ ୨୨ ଡିସେମ୍ବର ୨୦୨୩ରେ ହରିଶ୍ଚନ୍ଦ୍ର ଯୋଜନାରେ ପ୍ରଥମେ ୩ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହାପରେ ପୁଣିଥରେ ଗତ ୧୬ ତାରିଖରେ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ମଞ୍ଜୁର ହୋଇଛି। ହେଲେ ସ୍ୱପ୍ନାରାଣୀ ଟଙ୍କାଟିଏ ମଧ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ପବିତ୍ର ବେହେରା କହିଛନ୍ତି, ଅଭିଯୋଗ ପାଇଛି। ୨୨ ଡିସେମ୍ବର ୨୦୨୩ରେ ମଞ୍ଜୁର ଟଙ୍କା ପଞ୍ଚାୟତ ଆକାଉଣ୍ଟକୁ ଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଉକ୍ତ ଟଙ୍କା ନେଇ ସ୍ୱପ୍ନାରାଣୀଙ୍କୁ ଦେବେ। ପୁନର୍ବାର ୧୬ ତାରିଖରେ ମଞ୍ଜୁର ହୋଇଥିବା ଟଙ୍କା ଆପ୍ରୁଭାଲ ପାଇଁ ଆସିବା ବେଳେ ବାତିଲ କରିଦିଆଯିବ।

# ଯୌତୁକ ନିର୍ଯାତନା ଅଭିଯୋଗ

ଢେଙ୍କାନାଳ,୫।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଶିଆଡିହି ଗ୍ରାମର ରଶ୍ମିତା ଦାସଙ୍କୁ ଶାଶୁ ଘର ଲୋକେ ଯୌତୁକଜନିତ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ରଶ୍ମିତା ନିଜ ପରିବାର ସହିତ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରଶ୍ମିତା ଦର୍ଶାଇଛନ୍ତି, ୧୧ ଡିସେମ୍ବର ୨୦୨୩ରେ ଶାଶୁଘର ଲୋକେ ତାଙ୍କୁ ମାରପିଟ୍ ସହ ଜୀବନରେ ମାରି ଦେବାକୁ ଉଦ୍ୟମ କରିବାରୁ ସେ ଜୀବନ ବଞ୍ଚାଇ ବାପଘରକୁ ପଳାଇ ଆସିଛନ୍ତି। ଏ ସମ୍ପର୍କରେ ସେ ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ବିବାହ ସମୟରେ ଦିଆଯାଇଥିବା ଯୌତୁକ ଫେରି ପାଇଥିଲେ ହେଁ ବକେୟା ଭାବେ ଏକ ମୁଦି ଓ ୧୦ ହଜାର ଟଙ୍କା ରହିଥିବା ରଶ୍ମିତା କହିଛନ୍ତି। ରଶ୍ମୀତାଙ୍କ ଏକ ୩ମାସର ଝିଅ ରହିଛି। ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସେ ଏସ୍‌ପିଙ୍କୁ ଭେଟି ନିବେଦନ କରିଛନ୍ତି।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ



କାମାକ୍ଷାନଗର,୫।୨(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରୋଜାଲିନ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧୀନସ୍ଥ ତୋରଡାନାଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ସମସ୍ତ ଛାତ୍ରୀଛାତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ବିଷ୍ଣୁପ୍ରିୟା ପଟେଲ, ତନୟ ଦାସ, ଜଗବନ୍ଧୁ ବେହେରା, କ୍ରୀଡା ଶିକ୍ଷକ ପବିତ୍ରମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଉତ୍ସବ ସେଠୀ, ଜିଆରଏସ୍ ସସ୍ମିତା ପତି, ଏମ୍‌ବିକେ, ସିଆର୍‌ପି, ୱାର୍ଡ ସଭ୍ୟ ନବୀନ କୁମାର ସାହୁ, ପଞ୍ଚାୟତ କର୍ମଚାରୀ କାଳିଆ ସାହୁ, ରବୀନ୍ଦ୍ର ସାହୁ ଓ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗଣେଶ୍ୱର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତ ପିଇଓ ଉତ୍ସବ ସେଠୀ ଧନ୍ୟବାଦ ଦେଇଥିଲେ।

# ଶକ୍ତି ସୁଗାର୍ସ କର୍ମଚାରୀ ସଂଘ ନିର୍ବାଚନ

ଢେଙ୍କାନାଳ,୫।୨(ରତନ ନାୟାର)

ଢେଙ୍କାନାଳ ଶକ୍ତି ସୁଗାର୍ସ କର୍ମଚାରୀ ସଂଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଂଘ ସଭାପତି ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ରବିବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଆସନ୍ତା ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ବସନ୍ତ କୁମାର ବେହେରା, ଉପସଭାପତି ଭାବେ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ଭାବେ ପ୍ରକାଶ ସାହୁ, ସହସମ୍ପାଦକ ଭାବେ ସୁରେନ୍ଦ୍ର ପୃଷ୍ଟି ଓ ସୁଶାନ୍ତ ପରିଡ଼ା, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ଦାସ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଗୋବିନ୍ଦ ବେହେରା, ଶରତ ସ୍ୱାଇଁ, ପ୍ରହଲ୍ଲାଦ ସାହୁ, ପ୍ରସନ୍ନ ସାହୁ, ଅକ୍ଷୟ ବାରିକ ଓ ମହମ୍ମଦ ରସିଦ୍ ପ୍ରମୁଖ ନିର୍ବାଚିତ ହୋଇଥିଲେ। ବରିଷ୍ଠ ଶ୍ରମିକ ନେତା ମହେଶ ପ୍ରସାଦ ପାଣିଙ୍କୁ ଆସନ୍ତା ବର୍ଷ ପାଇଁ ଉପଦେଷ୍ଟା ମନୋନୀତ କରାଯାଇଥିଲା।

# ଭାଷା ସମ୍ମିଳନୀରେ ଆଲୋଚନାଚକ୍ର

କାମାକ୍ଷାନଗର,୫।୨(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପକଣ୍ଠ କାନପୁରା ପଞ୍ଚାୟତରାଜ ହାଇସ୍କୁଲରେ ଜିଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ଉପରେ ପର୍ଯ୍ୟବେଶିତ ସାହିତ୍ୟ ପ୍ରଦର୍ଶନୀ, ସାଂସ୍କୃତିକ ପ୍ରଦର୍ଶନୀ ଏବଂ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ଲକରୁ ପ୍ରାୟ ୫୦ଟି ସୁନ୍ଦର ପ୍ରକଳ୍ପ ଛାତ୍ରୀଛାତ୍ରମାନେ ଆଣି ପ୍ରଦର୍ଶନୀରେ ଭାଗ ନେଇଥିଲେ। ମୁ ଓଡ଼ିଆ ପ୍ରସଙ୍ଗ ଉପରେ ଏକ ବାଲୁକା ଶିଳ୍ପର ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଢେଙ୍କାନାଳ ଅଲ୍ଟର ନେଟିଭ ଗିନ୍ଦିମ ଥିଏଟର ନିର୍ଦ୍ଦେଶକ ଦିନେଶ ଦାସ ଏବଂ ଓଡ଼ିଆ ଅଧାପିକା ପୁଷ୍ପଲତା ରଥଙ୍କ ଦ୍ୱାରା ହିତୋପଦେଶ ଏବଂ ନୀତିଶିକ୍ଷାକୁ ଆଧାର କରି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ପ୍ରଫୁଲ୍ଲ ପାଣି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ଗନ୍ଦିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ ନାୟକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ।




# ନାଧରା କଲ୍ୟାଣମଣ୍ଡପ ଉଦ୍‌ଘାଟିତ

ଓଡ଼ାପଡ଼ା,୫।୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରା ଗ୍ରାମ ନିକଟସ୍ଥ ରାମଚଣ୍ଡୀ ମନ୍ଦିର ପାର୍ଶ୍ୱରେ ନବନିର୍ମିତ କଲ୍ୟାଣ ମଣ୍ଡପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ମିହିର କୁମାର ସାହୁ, ନାଧରା ସରପଞ୍ଚ ମନସ୍ୱିନୀ ପୃଷ୍ଟି, ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ ଯୋଗଦେଇ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଏହି କଲ୍ୟାଣ ମଣ୍ଡପ ଆଖପାଖ ଅଞ୍ଚଳର ତଥା ଯାତ୍ରୀଙ୍କ ବିଭିନ୍ନ କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



# ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ



ଭୁବନ,୫।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିଥିବା ସାହିତ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଏଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ଦିଲୀପ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅଧାପିକା ଡ. ମମତା ପାତ୍ର ଯୋଗଦେଇଥିଲେ। ଅଧାପକ ପ୍ରଶାନ୍ତ ରାଉତରାୟ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କଲେଜର ସମସ୍ତ ଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରେଷ୍ଠ ଛାତ୍ରୀ ଭାବେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ବିଶ୍ୱରୂପା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଋତୁପର୍ଣ୍ଣା ଧୀରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ପ୍ରମିଳା ଦାସ, ପ୍ରଣତି ବେହେରା, ଅଧାପକ ନିରଞ୍ଜନ ନାୟକ, ଜଗନ୍ନାଥ ସାହୁ, ଦେବାଶିଷ ସେଠୀ ଓ କର୍ମଚାରୀ ଲକ୍ଷ୍ମଣ ସାହୁ ସହଯୋଗ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଢେଙ୍କାନାଳ,୫।୨(ରତନ ନାୟାର)

ଢେଙ୍କାନାଳ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆଙ୍କୁ ଗତ ୩୧ ତାରିଖରେ ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ବଧିର ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ଦେଇ ତାଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରିଥିଲେ। ବିଦ୍ୟାଳୟର ଅଭିବୃଦ୍ଧିରେ ସେ ଉପଦେଷ୍ଟା ଭାବେ ରହି ମାର୍ଗଦର୍ଶନ କରାଇବେ ବୋଲି ସଭାପତି ରଥ ଆଶା ପ୍ରକଟ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟ କର୍ମଚାରୀ ବଳରାମ ସାହୁ ଧନ୍ୟବାଦ ଅର୍ପଣ ଓ କ୍ରୀଡ଼ା ଶିକ୍ଷକ ସରୋଜ ସାମଲ ପରିଚାଳନା କରିଥିଲେ।


ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ବ୍ଲକରୁ ମିଳୁନି ମଗାଯାଇଥିବା ତଥ୍ୟ

ଓଡ଼ାପଡ଼ା,୫।୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ପ୍ରଶାସନକୁ ସୂଚନା ଅଧିକାର ଆଇନ ଜରିଆରେ ମଗାଯାଇଥିବା ତଥ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ବ୍ଲକର କେତେକ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିବା ପରେ ଆଇନଜୀବୀ ଦୀପକ କୁମାର ସାହୁ ସୂଚନା ଅଧିକାର ଆଇନ ବଳରେ ବ୍ଲକରୁ ତଥ୍ୟ ମାଗିଥିଲେ। ହେଲେ ସମ୍ପୂର୍ଣ୍ଣ ତଥ୍ୟ ମିଳି ନ ଥିବା ବେଳେ ଅନେକ ତଥ୍ୟ ବ୍ଲକ ପାଖରେ ନ ଥିବା ଉଲ୍ଲେଖ କରାଯାଇଛି। ଏପରି କି ଏକ ପଞ୍ଚାୟତ ସମ୍ପର୍କରେ ତଥ୍ୟ ପାଇଁ ଆବଶ୍ୟକ ଫି ଦାଖଲ କରିବାର ବର୍ଷେରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ କୌଣସି ସୂଚନା ମିଳି ନ ଥିବା ରବିନାରାୟଣ ବେହେରା, ନିରଞ୍ଜନ ସାହୁ, ଗୋପବନ୍ଧୁ ବାରିକ, ରଣଜିତ ନାୟକ, ସୋମନାଥ ସାହୁପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲକ ସୂଚନା ଅଧିକାରୀ ସୁରେଶ କୁମାର ସାହୁଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ ନ କରିବାରୁ ମତାମତ ମିଳିପାରି ନାହିଁ।

# ପୋଲିସ ବିରୋଧରେ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

**ପିହୁ ମା’ଙ୍କ ସମେତ ୮ଜଣଙ୍କୁ ଅଟକ ଘଟଣା**

ଢେଙ୍କାନାଳ,୫।୨(ରତନ ନାୟାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମ୍ବଲପୁରରେ ଭେଟି ଦାବି ଜଣାଇବାକୁ ଯାଉଥିବା ଯାଜପୁର ଜିଲା ମଧୁସୂଦନପୁର ଗ୍ରାମର ନିଖୋଜ ଶିଶୁ ପିହୁଙ୍କ ମା’ ମୋନାଲିସା ନାୟକଙ୍କ ସମେତ ୮ଜଣଙ୍କୁ ଗତ ୩ ତାରିଖରେ ଢେଙ୍କାନାଳ ପୋଲିସ ଗୋବିନ୍ଦପୁର ଫାଣ୍ଡିରେ ଦୀର୍ଘ ସମୟ ଧରି ଅଟକ ରଖିଥିଲା। ଏହି ଘଟଣାକୁ ନେଇ ଲଢ଼େଇ ପରିବାର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ନଂ-୧୬୬୨/୨୦୨୪ରେ ମାମଲା ଦାଏର କରିଛନ୍ତି। ପୀଡିତ ପରିବାରଙ୍କୁ ଅପହରଣ କରି ଦୀର୍ଘଘଣ୍ଟା ଧରି ପୋଲିସ ନିର୍ଯାତନା ଦେଇଥିଲେ ବୋଲି ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟରେ ନିଖୋଜ ଶିଶୁ ପିହୁଙ୍କ ମା’ ସଦର ଥାନାରେ ଏହି ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିବା କୁହାଯାଉଥିବା ବେଳେ ଏହାକୁ ଥାନା ଅଧିକାରୀ ଦୀପକ ଲେଙ୍କା ଅସ୍ୱୀକାର କରିଛନ୍ତି। ସେମିତି କିଛି ଅଭିଯୋଗ ହୋଇନାହିଁ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଛନ୍ତି।

# ମୁକ୍ତା ଯୋଜନା ପ୍ରଶିକ୍ଷଣ ଶିବିର

କାମାକ୍ଷାନଗର,୫।୨(ସୁଧୀର ପରିଡ଼ା)

କାମାକ୍ଷାନଗର ଏନ୍‌ଏସି ସଭାଗୃହ ପରିସରରେ ମୁକ୍ତା ଯୋଜନା ସମ୍ପର୍କରେ ମିଶନ ଶକ୍ତିର ମହିଳାମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ରାଜଶ୍ରୀ ମହାନ୍ତି ଶିବିରରେ ଉପସ୍ଥିତ ରହି ଯୋଜନାର ସମୀକ୍ଷା କରିବା ସହ ଯୋଜନା ସମ୍ପର୍କରେ ଉପସ୍ଥିତ ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପନଗରପାଳ ଶକୁନ୍ତଳା ସେଠୀ, ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

# ଆଜି ପୁରୀରୁ ଆସିବ ତାଳଧ୍ୱଜ ରଥ ଚକ

ଢେଙ୍କାନାଳ,୫।୨(ରତନ ନାୟାର)

ପୁରୀରୁ ଶ୍ରୀଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକ ଓ ଏକ ମୂର୍ତ୍ତି ଗଜ ମଙ୍ଗଳବାର ଢେଙ୍କାନାଳକୁ ଅଣାଯିବ। ତାଳଧ୍ୱଜ ରଥର ଚକ ଓ ମୂର୍ତ୍ତି ଗଜ ଅପରାହ୍ନ ପ୍ରାୟ ୩ଟାରୁ ୪ଟା ମଧ୍ୟରେ ଢେଙ୍କାନାଳ ସହର କଲେଜ ବାଇପାସ ଠାରେ ପହଞ୍ଚିବ। ସେଠାରୁ ସଂକୀର୍ତ୍ତନ ଦଳ ସହିତ ସହରବାସୀ କୁଞ୍ଜକାନ୍ତ, ବସଷ୍ଟାଣ୍ଡ, ପୂର୍ତ୍ତବିଭାଗ କାର୍ଯ୍ୟାଳୟ, ମହାବୀର ବଜାର, ବାଜିଚୌକ, ଶାସନ ଛକ, ଜଗନ୍ନାଥ ରୋଡ୍, ଗଣେଶ ବଜାର ଓ ରଥଗଡ଼ା ଦେଇ ଶ୍ରୀଶ୍ରୀ ବଳରାମ ମନ୍ଦିରରେ ପହଞ୍ଚିବ। ତାଳଧ୍ୱଜ ରଥର ଚକ ଓ ଏକ ମୂର୍ତ୍ତି ଗଜକୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସହରବାସୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ ନିବେଦନ କରିଛନ୍ତି।

# ବଦଳି ନ ହେଲେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କାମାକ୍ଷାନଗର,୫।୨(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣି ପଞ୍ଚାୟତରେ କାର୍ଯ୍ୟରତ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେଉଛି। ଏହାର ପ୍ରତିବାଦରେ ସରପଞ୍ଚ ଦୀପା ମଞ୍ଜରୀ ସାହୁ ସୋମବାର ବିଡିଓ ଯଶୋବନ୍ତ ଦେହୁରୀଙ୍କ ଦ୍ୱାରସ୍ଥ ହୋଇ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପଞ୍ଚାୟତ କାର୍ଯ୍ୟାଳୟକୁ ନିଜ ମନ ମୁତାବକ ଆସୁଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ବିଡିଓ, ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହି ଦୁଇ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଅବହେଳା କାରଣରୁ ବର୍ଷ ବର୍ଷ ଧରି ପଞ୍ଚାୟତ ଲୋକମାନେ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ପାଇ ନ ଥିବା ନେଇ ପୂର୍ବରୁ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଉଭୟଙ୍କୁ ବଦଳି କରିବା ସହ ପଞ୍ଚାୟତରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକଙ୍କୁ ନିଯୁକ୍ତି କରା ନ ଗଲେ ଆସନ୍ତା ୬ ତାରିଖରୁ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ, ନାଏବ ସରପଞ୍ଚ, ସମସ୍ତ ୱାର୍ଡ ସଦସ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ବିଡିଓ ଯଶୋବନ୍ତ ଦେହୁରୀ କହିଛନ୍ତି, ପଞ୍ଚାୟତରେ ଉନ୍ନୟନମୂଳକ କାମ କିଭଳି ହେବ ତା ଉପରେ ଆମର ପ୍ରାଥମିକତା ରହିଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ମକୁଆକାଟେଣି ସରପଞ୍ଚ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

